# ସୂର୍ଯ୍ୟାସ୍ତର ସାହାନାଇ

ଦିଲ୍ଲୀ ଦୂର୍ ହସ୍ତ... ଦିଲ୍ଲୀ ବହୁ ଦୂର୍... ରାଜବନ୍ଦୀ, ମହମ୍ମଦ ବାହାଦୁର ସାହାଜାଫର ଶେଷ ମୋଗଲ ସମ୍ରାଟଙ୍କର ମନେ ପଡ଼ିଗଲା, ସନ୍ଥ ନିଜାମୁଦ୍ଦୀନଙ୍କର ସେହି ପ୍ରସିଦ୍ଧ ଉକ୍ତି... ଦିଲ୍ଲୀ ଦୂରହସ୍ତ! କାହିଁ ସାହାଜାହାନାବାଦ ଦିଲ୍ଲୀ? ଆଉ କାହିଁ ରେଙ୍ଗୁନ୍‌ର ଏଇ ନିର୍ଜନ କାରାପ୍ରକୋଷ୍ଠ? ସିପାହୀ ବିଦ୍ରୋହ ପରେ କୋମ୍ପାନୀ ସରକାର ଆଦେଶରେ ବାହଦୁର ସାହାଜାଫର ବନ୍ଦୀ ହୋଇ ଆସିଛନ୍ତି ରେଙ୍ଗୁନ୍!

ବୃଦ୍ଧ; ବାହାଦୁର ସାହଜାଫରଙ୍କ ପଞ୍ଜରାମାଳ ଥରାଇ ଗୋଟାଏ ଦୀର୍ଘଶ୍ୱାସ ମିଶିଗଲା ରେଙ୍ଗୁନ୍ ସେଣ୍ଟ୍ରାଲ୍ ଜେଲ୍‌ର ନିରୁଦ୍ଧ ବାତାବରଣରେ ସେଇ ପ୍ରିୟ ଦିଲ୍ଲୀ ଆଉ ପଡ଼ିବ ନାହିଁ ଆଖିରେ!

ଭିତରେ ଗୋଟାଏ ଦୁର୍ଗନ୍ଧ! ଯେପରି ବହୁ ନୈରାଶ୍ୟର ଦୀର୍ଘଶ୍ୱାସରେ ପର୍ଯ୍ୟୁଷିତ! ଗୋଲାପଜଳ ଭିଜା ଖସ୍ ଖସ୍‌ର ଖୁସୁବୁ ନାହିଁ, ବଗିଚାରେ ବୁଲ୍‌ବୁଲ୍‌ମାନଙ୍କର କାକଳି ନାହିଁ, ହାତୀଦାନ୍ତର ପଲଙ୍କଦାନ ନାହିଁ, ମୁଜରେୱାଲିମାନଙ୍କର ପାଦର ନୁପୂର ନାହିଁ, ଗଜଲ୍ ନାହିଁ, ଶୟରୀ (କବି)ମାନଙ୍କର ଶେର୍ ନାହିଁ! ସବୁ ନୀରବ, ମୃତ୍ୟୁ ପରି! କେବଳ ଉତ୍ପୀଡ଼କ ପ୍ରତୀକ୍ଷା, ମୃତ୍ୟୁ ପାଇଁ” ମୃତ୍ୟୁ ହିଁ କାରାମୁକ୍ତି!

ଖଣ୍ଡେ ଖଟିଆ ଉପରେ ଚିତ୍‌ହୋଇ, ଅବସନ୍ନ ଭାବରେ ଶୋଇଛନ୍ତି ବାହାଦୁର ସାହ ଜାଫର ପଞ୍ଚାଅଶୀ ବର୍ଷର ଜୀର୍ଣ୍ଣକଙ୍କାଳ ମେଲି ।

ଦିଲ୍ଲୀରୁ ବର୍ମା ସୁଦୀର୍ଘ ସ୍ଥଳପଥରେ, ବନ୍ଦୀ ଭାବରେ ଅଣାଯିବା ପରେ ତାଙ୍କର ଅବସ୍ଥା ପ୍ରାୟ ଜୀବନ୍ମୃତ । ଧଳା ସିଲ୍‌କର ଲମ୍ବା, ଜରୀଦାର ଶେର୍‌ୱାନୀଟା ସୁଦ୍ଧା ଲୁଚାଇ ପାରୁନାହିଁ, ତାଙ୍କର ଅସ୍ଥି ପଞ୍ଜରା ।

ମେଜର-ଜେନେରାଲ ନିକଲସନ୍ ପେନୀ କାହିଁକି ତାଙ୍କୁ ପଠାଇଲା ବର୍ମା? ସେଇଠି ଦିଲ୍ଲୀରେ ସେ' ତ ଚଢ଼ାଇ ପାରିଥାନ୍ତା ଶୂଳିରେ! ତା' ହେଲେ ସେ ଅନ୍ତତଃ କବର ପାଇପାରିଥାନ୍ତେ, ତାଙ୍କର ପ୍ରିୟ ସାହିଜାହାନାବାଦ ଦିଲ୍ଲୀରେ!

ବାହାଦୂର ସାହଙ୍କ ସହିତ ଦିଲ୍ଲୀରୁ ଆସିଥିଲେ, ତାଙ୍କର ପ୍ରିୟବିଶ୍ୱସ୍ତ ଭୃତ୍ୟ ସାମସୁଲ ସାହି ଦୌଲତ । ଖଣ୍ଡେ ଜଳ ଚୌକି ଉପରେ ସେ ନୀରବରେ ବସିଛନ୍ତି । ବାହାଦୁର ସାହଙ୍କ ତନ୍ଦ୍ରାଚ୍ଛନ୍ନତା କେତେବେଳେ କଟିବ, ସେଇ ଅପେକ୍ଷାରେ! ନାଃ! ଆଉ ବେଶି ଦିନ ନୁହେଁ । ଦୀର୍ଘଶ୍ୱାସ ପକାଇଲେ ସାମସୁଲ! ଶେଷ ମୋଗଲ ସମ୍ରାଟ ବାବର, ଆକବରଙ୍କ ଖାନ୍ଦାନ୍ । କିନ୍ତୁ ନସିବ କ' ଣ ପରୱାୟ କରେ ଖାନ୍ଦାନ୍?

ବାହାଦୁର ସାହଙ୍କ ଚେତା ବେଳେ ବେଳେ ଫେରୁଛି । ଅଳ୍ପ କଥାବାର୍ତ୍ତା କରୁଛନ୍ତି କ୍ଷୀଣ କଣ୍ଠରେ । ଠିକ୍ ବୁଝିହେଉ ନାହିଁ । ତା' ପରେ ଫେରିଯାଉଛନ୍ତି ପୁଣି ସେହି ଅଚୈତନ୍ୟର ରାଜ୍ୟକୁ... ସେଠି କେବଳ କୁହୁଡ଼ି ଆଉ କୁହୁଡ଼ି । ମଝିରେ ମଝିରେ ଜଳି ଉଠୁଛି ସ୍ମୃତିର କେତେଟା ଉଜ୍ଜ୍ୱଳ ନକ୍ଷତ୍ର! ତା' ପରେ ପୁଣି ସେଇ କୁହୁଡ଼ିର ବୋର୍ଖା ନଇଁ ଆସୁଛି, ଅଚୈତନ୍ୟର ରେଶ୍‌ମୀ କପାଳ ଉପରେ!

ବାହାରେ ଜୋତା ମଚ୍ ମାଚ୍ ଶବ୍ଦ ହେଉଛି । ଜେଲ୍ ସୁପରିଟେଣ୍ଡେଣ୍ଟ କ୍ୟାପଟେନ୍ ଡେଭିଜ୍ ବୋଧହୁଏ ଆସୁଛି, ସାହାନ୍‌ସାହାଙ୍କ ତଦାରଖ ପାଇଁ!

କ୍ୟାପ୍‌ଟେନ୍ ଡେଭିଜ୍‌ଙ୍କୁ ଦେଖି, ସାମସୁଲ ଜଳଚୌକି ଛାଡ଼ି କୁର୍ଣ୍ଣୀସ୍ କରି ଠିଆହେଲା । କ୍ୟାପ୍‌ଟେନ୍ ଡେଭିଜ୍, ବାହାଦୂର ସାହାଙ୍କ ମୁଣ୍ଡ ପାଖକୁ ଛୋଟିଆ ଟେବୁଲ ଉପରେ ଔଷଧ ଶିଶିଗୁଡ଼ାକୁ ପରୀକ୍ଷା କରି ଉର୍ଦ୍ଦୁରେ କହିଲେ... “ଏ ଔଷଧଗୁଡ଼ାକ ତ ଦେଇନା ଦେଖୁଛି!”

ସାମସୁଲ ନୀରବ ରହିଲା । କ'ଣ ବା ଉତ୍ତର ଦେବ ସେ! ବାହାଦୁର ସାହ ଏ ଔଷଧ ଛୁଇଁବେ ନାହିଁ! ହାକିମମାନଙ୍କର ଦୱା ନ ହେଲେ, ଏ କମ୍ପାନୀ ଦୱାଉପରେ ବିଶ୍ୱାସ ନାହିଁ ତାଙ୍କର! ବିଷ ଯେ ମିଶାଇ ନ ଥିବେ, କେଉଁ ବିଶ୍ୱାସ?

କ୍ୟାପ୍ଟେନ୍ ଡେଭିଜ୍ ବାହାଦୁର ସାହାଙ୍କର ଶୀର୍ଣ୍ଣ ହାତଟା ଉଠାଇ ଧରି, ନାଡ଼ୀ ପରୀକ୍ଷା କଲେ । ନାଡ଼ୀର ଗତି ସ୍ୱାଭାବିକ ଅଛି! ଔଷଧ ନିୟମିତ ଭାବରେ ଦେବା ପାଇଁ ପୁଣି ଥରେ ମିଲିଟାରୀ ଉର୍ଦ୍ଦୁରେ ସାମ୍‌ସୁଲକୁ ଆଦେଶ ଦେଇ, କ୍ୟାପଟେନ୍ ଡେଭିଜ୍ ଜୋତା ମଚ୍ ମାଚ୍ କରି ଚାଲିଗଲେ ।

କ୍ୟାପଟେନ୍ ଡେଭିଜ୍ ଯିବା ପରେ, ବାହାଦୁର-ସାହ କ୍ଷୀଣ କଣ୍ଠରେ ପଚାରିଲେ... "ମୋର ଅର୍ଜିର କି ହୁକୁମ୍ ଆସିଲା ସାମସୁଲ୍? ସାହେବ କ'ଣ କହିଲା?" ନୀରବରେ ମୁଣ୍ଡ ହଲାଇଲା ସାମସୁଲ୍!

ଜେଲ୍‌ଖାନାରେ ପହଞ୍ଚିବା ବେଳୁ, ବାହାଦୁର ସାହଙ୍କ ସେଇ ଏକ ମାତ୍ର ଚିନ୍ତା ଦିଲ୍ଲୀ... ଲାଲକିଲ୍ଲାର ରଙ୍ଗମହଲ ପ୍ରାସାଦ ପାଇଁ ନୁହେଁ, ସମାଧିରେ ଶେଷ ବିଶ୍ରାମ ପାଇଁ । ମେହେରାଲୀରେ ସେ ନିଜ ପାଇଁ ତିଆରି କରାଇଥିଲେ, ମାର୍ବଲ ଆଉ ଜୟପୁରୀ ତାଳମ୍ବା ପଥରରେ ମକ୍‌ବରା; ଶେଷ ଅଭିଳାଷ ଥିଲା ତାଙ୍କର ସେ ଦଫନ୍ ନେବେ ସେଠି; ସେଇଥିପାଇଁ ଏତେ ଯତ୍ନ ଆଉ ବ୍ୟୟରେ, ନିଜ ତଦାରଖରେ ସେ ତିଆରି କରାଇ ଥିଲେ, ଏକ ସୁବିସ୍ତୀର୍ଣ୍ଣ ଉଦ୍ୟାନ ମଧ୍ୟରେ ମାର୍ବଲର ସେଇ ମକ୍‌ବରା ଆକାଶର ଆଖିରୁ ଯେପରି ପ୍ରସ୍ତରୀଭୂତ ଗୋଟିଏ ବିନ୍ଦୁ ଅଶ୍ରୁ! ଘାସପତ୍ର ଉପରେ ଝରି ପଡ଼ିଛି ।

ଏଇ କାରା ପ୍ରକୋଷ୍ଠରେ ପହଞ୍ଚିବା ପରେ, ତାଙ୍କର କବିର ଚେତନାରେ ହଠାତ୍ ଗୁଞ୍ଜରଣ କରି ଉଠିଥିଲା ଗୋଟିଏ ପଦ । ଆଲ୍ଲାଙ୍କୁ ଅଶେଷ ଧନ୍ୟବାଦ! ଏତେ ଦୁର୍ଭୋଗ ଭିତରେ ସୁଦ୍ଧା, ତାଙ୍କର କବି ପ୍ରାଣକୁ ଶୁଷ୍କ, ନିଃସ୍ୱ କରିଦେଇ ନାହାନ୍ତି! ତାଙ୍କର ଅଙ୍ଗୁଳିକୁ ଅଥର୍ବ କରିଦେଇ ନାହାନ୍ତି! ବାହାଦୁର ସାହ ବିଛଣାରେ ଉଠିବସି ଦୁଆତଦାନିରେ କଲମ ବୁଡ଼ାଇ ଖଣ୍ଡେ ପର୍ଚ୍ଚା ଉପରେ ଲେଖିଗଲେ...

"ନାଁ କିସ୍‌କି ଆଁଖ୍ କା ନୁର ହୁଁ

ନାଁ କିସିକା ଦିଲ୍‌କା କରାର ହୁଁ

ଯୋ କିସିକେ କାମ ନା ଆସ୍‌କେ

ଓ ଏକ ମୁଣ୍ଡେ ଗୁବରହୁଁ!"

(ମୋତେ ଦେଖିଲେ ଆଜି କାହାର ଆଖି ଆଉ ହସି ଉଠେ ନାହିଁ । କାହାର ପ୍ରାଣରେ ମୁଁ ଆଜି ଆଣେ ନାହିଁ ଆନନ୍ଦ! ମୁଠାଏ ଧୂଳି ମୁଁ ।) ତା' ପରେ ମନକୁ ମନ ଆବୃତ୍ତି କଲେ ସେଇ ଶେର...

"ନାଁ କିସିକା ଆଁଖ୍ କା ନୁର୍ ହୁଁ ।"

ଏଥିରେ ଯେପରି ତାଙ୍କର ଗ୍ଲାନି, ସବୁ ଅନୁଶୋଚନା, ସବୁ ଉତ୍ପୀଡ଼କ ଜ୍ୱାଳା, ଧୋଇ ପୋଛି ହୋଇଗଲା । ଏଇ ତ ଜୀବନ! ଏଥିରେ ଦୁଃଖ କରିବାର କ'ଣ ଅଛି? ଆଜି ସେ ମୁଠାଏ ଧୂଳି! ବାହାଦୁର ସାହା ଖଟିଆ ଉପରେ ଆଖି ବୁଜି ଢଳି ପଡ଼ିବା ମାତ୍ରେ ପୁଣି ଫେରିଗଲେ ସେଇ କୁହୁଡ଼ିବୋଳା ଅର୍ଦ୍ଧଚୈତନ୍ୟ ଭିତରକୁ । କ୍ରମେ ଗୋଟିଏ ଗୋଟିଏ ନକ୍ଷତ୍ର ପରି ଫୁଟି ଉଠିଲା ଅତୀତର ସେଇ ସବୁ ସ୍ମୃତି ସେଇ ସବୁ ଦୃଶ୍ୟ ।

ଦେୱାନ-ଇ-ଖାସ୍‌ରେ ମସନଦ ଉପରେ ବସିଛନ୍ତି ମହମ୍ମଦ ବାହାଦୁର ସାହଜାଫର! ଶିରରେ ମୁକୁଟ, ଗଳାରେ ମଣିମୁକ୍ତା ଖଚିତ ହାରାବଳୀ । ତାଙ୍କୁ ଘେରି ବସିଛନ୍ତି ଦିଲ୍ଲୀର ସେଇ ସବୁ ପ୍ରସିଦ୍ଧ କବି ଶୟରୀ! ଜକ୍, ଘାଲିବ୍, ଅଜୁର୍‌ଦା, ମୋମିନ୍, ଏଶାନ୍, ଶେଫତା, ସେବାୟ, ଦାଗ୍, ବେତାବ୍, ବିସ୍‌ମିଲା । ଏସବୁ ଏମାନଙ୍କର କବିଆଳି ନାମ! ବାହାଦୁର ସାହଙ୍କ କବିଆଳି ନାମ ସେହିପରି, ଜାଫର!

ଜାଫର୍ ଗୋଟିଏ ସଦ୍ୟ ରଚିତ ଶେର ଆବୃତ୍ତି କଲେ-

"ୟେ ଚମନ ୟୁହି ରହେଗା

ଔର ହଜାରୋ ଜାନୁଆର୍

ଆପନି ଆପନି ବୋଲିଆ ସବ୍ ବୋଲକର୍

ଉଡ୍‌ଜାୟେଙ୍ଗେ!"

(ଏଇ ପୃଥିବୀ ଏଇପରି ରହିଥିବ ଅନନ୍ତ କାଳ ଧରି । କିନ୍ତୁ ହଜାର ହଜାର ଜୀବ ନିଜ ନିଜ ଅଭିନୟ ସାରି ବାହୁଡ଼ି ଯିବେ ଏଠୁ ।)

ୱାହ, ୱାହ କରୁଛନ୍ତି ଶୟରୀ ଆଉ ଖାସ ପାରିଷଦମାନେ । ଜାଫରଙ୍କ ଓଠରେ ଫୁଟି ଉଠୁଛି ସ୍ମିତିରେଖା । ଜକ୍ ବା ଘାଲିବଙ୍କ ପରି ନ ହୁଅନ୍ତୁ ପଛେ, ଜାଫର ମଧ ଉର୍ଦ୍ଦୁ କବିତାରେ ଅମର ଦେୱାନ-ଇ-ଖାସ୍ ପ୍ରତିଧ୍ୱନିତ ହୋଇ ଉଠୁଛି ୱାହା ୱାହା ଧ୍ୱନିରେ । ନିୟତିର ପରିହାସ!

ସେଇ ଦେୱାନ-ଇ-ଖାସରେ ସିପାହୀ ବିଦ୍ରୋହ କୋମ୍ପାନୀର କାବୁକୁ ଆସିବା ପରେ, ମିରିଟ୍ ଡିଭିଜନ୍‌ର ମେଜର ଜେନେରାଲ ନିକୋଲାସ୍ ପେନି ଦରବାରରେ ବିଚାର ହେଲା, ଶେଷ ମୋଗଲ ସମ୍ରାଟ ୮୪ ବର୍ଷ ବୟସ୍କ ବୃଦ୍ଧ ମହମ୍ମଦ ବାହାଦୁର ସାହ ଜାଫରଙ୍କର! ଅପରାଧ-ସେ ବିଦ୍ରୋହୀ!

"ତୁମେ କୟଦୀ ବାହାଦୁର ସାହ, କୋମ୍ପାନୀ ସରକାରର ପେନ୍‌ସନର ହୋଇ, କୋମ୍ପାନୀ ବିରୁଦ୍ଧରେ କରିଥିଲ ବିଦ୍ରୋହ ଘୋଷଣା!"

କିଏ ଶୁଣୁଛି ବାହାଦୁର ସାହଙ୍କ କୈଫିୟତ "ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ସରକାର ବାହାଦୁର । ବରଂ ଆପଣଙ୍କ ଫଉଜର ସୁବେଦାର, ମହମ୍ମଦ ବଖତ୍ ଖାଁର ମତାଣରେ ମୋର ସିପାହୀମାନେ ମୋ ବିରୁଦ୍ଧରେ କଲେ ଗଦ୍ଦାରୀ! ମହମ୍ମଦ ଖାଁ ମୋର ଦଳେ ସିପାହୀଙ୍କୁ ଧରି ମୋତେ ଘେରାଉ କଲା ଦେୱାନ-ଇ-ଖାସ୍‌ରେ । ସେ କହିଲା, "ଆମେ ଏ କୋମ୍ପାନୀ ସରକାରକୁ ନିପାତ କରିବାର ପଣ କରିଛୁ । ଦିଲ୍ଲୀରେ ମାଜିଷ୍ଟ୍ରେଟ ଫେଜର ଆଉ ଯେତେ ଗୋରା ଅଛନ୍ତି, ସମସ୍ତଙ୍କୁ ଜାହାନ୍ନମ୍‌କୁ ପଠାଇବୁ । ଏଇ ଆମର ନିଷ୍ପତ୍ତି!" ହାତରେ ତା' ର ଲଙ୍ଗା ତଲୱାର! ଆଖି ଦୁଇଟା ଦୁଇମୁଣ୍ଡା ଜଳନ୍ତା ଅଙ୍ଗାର! ସେ ଧମକ ଦେଲା, ଦସ୍ତଖତ ଦିଅ ଏ ପରୱାନାରେ! ମୁଁ ଦସ୍ତଖତ ଦେବାକୁ ନାସ୍ତି କଲି! ନିରୀହର ରକ୍ତପାତ ମୁଁ କେବେ ସୁଦ୍ଧା ଚିନ୍ତା କରି ନାହିଁ । ମହମ୍ମଦ ବଖତ୍ ତା' ପରେ ସଦର ମୁନ୍‌ସିଠାରୁ ମୋର ମୋହର ଛଡ଼ାଇ ନେଇ ସେଇ ପରୱାନା ଉପରେ ଲଗାଇଗଲା ମୋର ମୋହର । ତା' ପରେ ସେମାନେ ଏଇ ଜାଲ୍ ଦଲିଲ୍‌କୁ ଇଲାନ୍ କରିଗଲେ ବାଦସାହୀ ଫରମାନ୍ ବୋଲି ।"

ଜେନେରାଲ୍ ନିକୋଲାସ ପେନିର' ପାଉଁଶିଆ, ଇସ୍ପାତୀ ଆଖିଡୋଳା ଦୁଇଟା ରଡ଼ନିଆଁ ପରି ଚମକି ଉଠିଲା । କିନ୍ତୁ ମୃତ୍ୟୁ ପରି ଶୀତଳ କଣ୍ଠରେ ସେ ପଚାରିଲା... କୋମ୍ପାନୀର ପେନ୍‌ସନର୍ ହୋଇ, ତୁମେ ବାହାଦୁର ସାହ ବନ୍ଦ କରି ପାରିଲ ନାହିଁ, କୋମ୍ପାନୀ ସରକାର ଖିଲାପରେ ଏ ଗଦ୍ଦାରୀକୁ?"

"ମୁଁ ତ ସେମାନଙ୍କ ହାତରେ ବନ୍ଦୀ ଥିଲି ସରକାର । ମୁଁ ସେମାନଙ୍କୁ ବନ୍ଦୀ କରି ପାରିଥାନ୍ତି କିପରି?"...କ୍ଷୀଣ ଦୁର୍ବଳ କଣ୍ଠରେ ଉତ୍ତର ଦେଲେ ବାହାଦୁର ସାହ ।

ଜେଜେରାଲ ନିକୋଲାସ ତଳକୁ ମୁହଁ ପୋତି କଲମରେ ଗାରେଇ ଚାଲିଛି ପୃଷ୍ଠା ପରେ ପୃଷ୍ଠା, ଆଉ ମଝିରେ ମଝିରେ ସେଇ ଇସ୍ପାତୀ ଆଖିରେ ଚାହୁଁଛି ବାହାଦୁରସାହଙ୍କ ଆଡ଼େ!

ନସୀବ୍! ନସୀବ୍! ସବୁ ନସୀବ୍ର ଖେଳ! ଦିନେ ଏଇ କୋମ୍ପାନୀର ବେପାରୀମାନେ, ତାଙ୍କର ପୂର୍ବପୁରୁଷମାନଙ୍କର ଜୋତାକୁ କୁର୍ଣ୍ଣୀସ କରି ଏ ଦେଶରେ ପାଇଥିଲେ ବାଣିଜ୍ୟ ପାଇଁ ବାଦସାହୀ ଫର୍ମା । ବାଦସାହ ତ ବାଦସାହ! ସେମାନଙ୍କର ବେଦାରମାନଙ୍କର ଜୋତା ସୁଦ୍ଧା ଚାଟିଥିଲେ ସେମାନେ! ଆଜି ସେହି କୋମ୍ପାନୀ ହିନ୍ଦୁସ୍ଥାନର ମାଲିକ, ଆଉ କୋମ୍ପାନୀର ଜଣେ କର୍ମଚାରୀ ଆଗରେ ଗୋଡ଼ ଭାଙ୍ଗି ଠିଆ ହୋଇ, ସଫାଇ କୈଫୟତ ଦେଉଛନ୍ତି, ସେହି ବାଦସାହମାନଙ୍କର ଶେଷ ବଂଶଧର, ମୋଗଲ ମସଜିଦ୍ର ଶେଷ ସମ୍ରାଟ, ମହମ୍ମଦ ବାହାଦୁରସାହଜାଫର! ଇତିହାସର ନିଷ୍ଠୁର ପରିହାସରେ ପୁଣି, ସାହନ୍ସାହ ସାହାଜାହାନଙ୍କ ଲାଲ୍କିଲ୍ଲାର ସେଇ ଦେୱାନ-ଇ-ଖାସରେ ।

ଇତିହାସରେ ଦିନେ ଓହ୍ଲାଇ ଆସେ, ଅବକ୍ଷୟ, ଅଧଃପତନର ଯବନିକା! ଉତ୍ଥାନର ଶେଷ ବିନ୍ଦୁ ଖସିପଡ଼େ ପତନର ଶେଷ ବିନ୍ଦୁକୁ । କିନ୍ତୁ ହେ ଜାଫର; ନସୀବ୍ ତମକୁ କାହିଁକି ଏତେ ଦୀର୍ଘକାଳ ବଞ୍ଚାଇ ରଖିଲା, ତା' ର ଶିକାର ହେବାପାଇଁ?

ଗୋଟିଏ ଶେର ଦାନା ବାନ୍ଧି ଆସୁଥିଲା, ବାହାଦୁର ସାହାଙ୍କ ଅବସନ୍ନ ମନରେ! କିନ୍ତୁ ଜେନେରାଲ୍ ନିକୋଲାସ୍ ପେନିର ପରବର୍ତ୍ତୀ ଅଭିଯୋଗରେ ସବୁ ଗୋଳମାଳ ହୋଇଗଲା ।

"ତୁମେ କୟଦୀ ବାହାଦୁର ସାହ, ତମର ପୁଅ ମୀର୍ଜା ମୋଗଲ ସହିତ ହାତ ମିଶାଇ, ସୁବେଦାର ମହମ୍ମଦ ବଖତ୍ ଖାଁ ସହିତ ଯୋଗ ସାଜସ ହୋଇ କୋମ୍ପାନୀର ଖଜଣାଖାନା ଲୁଟି କରି, ୧୮୫୭ ସାଲ୍ ମେ' ୧୦ ତାରିଖ ଆଉ ସେହିବର୍ଷ ପହିଲା ଅକ୍ଟୋବର ଭିତରେ, ଶହ ଶହ ଇଂରେଜ ନରନାରୀ ଶିଶୁଙ୍କୁ ହତ୍ୟାକରି, ନିଜକୁ ହିନ୍ଦୁସ୍ଥାନର ବାଦ୍ଶାହ ବୋଲି ଜାହେର୍ କରିଥିଲ!"

ଇଏ ତ ଅଭିଯୋଗ ନୁହେଁ । ଇଏ ଯେପରି ଏକତରଫା ବିଚାରର ଶେଷ ସିଦ୍ଧାନ୍ତ! ବିଚାରର ଅଭିନୟ!

ବାହାଦୁର ସାହ ଜାଫର କମ୍ପିତ କଣ୍ଠରେ ଧୀରେ ଧୀରେ ଉତ୍ତର ଦେଲେ.... "ଆପଣ ଜାଣନ୍ତି ସରକାର, ମୀର୍ଜା ମୋଗଲ ଆଉ ସିକନ୍ଦର ବଖତ୍ଙ୍କ ହାତରେ ମୁଁ ହୋଇଥିଲି କୟଦୀ । ମୋତେ ବାରଣ କରାଯାଇଥିଲା ଦେୱାନ-ଇ-ଖାସ୍କୁ ସୁଦ୍ଧା ଆସିବା ପାଇଁ । ମୀର୍ଜା ମୋଗଲକୁ ସେମାନେ ଦିଲ୍ଲୀର ବାଦ୍ସାହ ବୋଲି ଇଲାନ୍ କରି ମୋତେ କେବଳ ବ୍ୟବହାର କରୁଥିଲେ ଅସ୍ତ୍ର ପରି! ସେମାନେ ବରଂ ମୋର ଖଜଣା ଖାନା ଲୁଟ୍କରି ସେଇ ଟଙ୍କାରେ ସିପାହୀମାନଙ୍କୁ ଦେଉଥିଲେ ବର୍ତ୍ତନ୍!"

"ତୁମେ ସେମାନଙ୍କୁ ରୋକି ପାରିଲ ନାହିଁ କାହିଁକି?" ଚିତ୍କାର କରିଉଠିଲେ ଜେନେରାଲ୍ ନିକୋଲାସ୍ ପେନି!

ରୋକିବି କିପରି? ମୋର ଫଉଜ ନାହିଁ! ଟଙ୍କା ନାହିଁ! କମାଣ, ବନ୍ଧୁକ ନାହିଁ! ଲାଲ୍କିଲ୍ଲାରେ ମୁଁ କୟଦୀ! ବେଗମ୍ ଜିନତ୍ ମହଲ ସୁଦ୍ଧା ମୋତେ ଅସହାୟ ଭାବରେ ଛାଡ଼ିଦେଇ, କୋମ୍ପାନୀ ସରକାର ସଙ୍ଗରେ ମିଳାଇଛନ୍ତି ହାତ! ସେମାନଙ୍କୁ ରୋକିବା ପାଇଁ ମୋର ତାକତ୍ କାହିଁ?"

ଏକା ସାଙ୍ଗରେ ଏତେ ଗୁଡ଼ାଏ କଥା କହି, କ୍ଳାନ୍ତ ହୋଇପଡ଼ିଥିଲେ ବୃଦ୍ଧ ବାହାଦୁର ସାହ! କିନ୍ତୁ ଜବାବ୍ ଦେବା ପାଇଁ ପଡ଼ିବ ତାଙ୍କୁ! ସେ କୟଦୀ । ଅଭିଯୁକ୍ତ!

ବାହାଦୁର ସାହ କହିଲେ.... "ଦିଲ୍ଲୀ ମସନଦ୍‌ରେ ମୋର କୌଣସି ଦିନ ଲୋଭ ନ ଥିଲା । ହୁକୁମତ୍ ମୁଁ ଚାହିଁ ନ ଥିଲି । ଶେର୍ ମୋର ସଲତନନ୍ତ, କବିତା ମୋର ସାମ୍ରାଜ୍ୟ!" ଦିନେ ସୁଯୋଗ ପାଇ ମୁଁ ହିନ୍ଦୁ ସନ୍ୟାସୀ ବେଶରେ ଗେରୁଆ ପିନ୍ଧି, ଲାଲ୍‌କିଲ୍ଲାରୁ ପଳାଇ ଆସିଲି, ହୁମାୟୁନଙ୍କ ମକ୍‌ବରାକୁ । ସେଠି ଆଶ୍ରୟ ମିଳିଲା ଗୋଟାଏ ଛୋଟିଆ ଗୁମୁଟରେ । ସେଠୁ ଯାଇଥାନ୍ତି କୁତବ୍ ସାହେବ! ତା' ପରେ ଆଜମୀର୍, ଆଜମୀର୍‌ର ମକ୍କା! ସନ୍ୟାସ ନେଇଥିଲି ମୁଁ! କିଏ ବିଶ୍ୱାସ କରିବ ହିନ୍ଦୁସ୍ଥାନରେ, ମୋଗଲ ସଲତନ୍ତର ଶେଷ ଉତ୍ତରାଧିକାରୀ, ହିନ୍ଦୁସ୍ଥାନର ମାଟିରୁ୍ ଜଣେ ଛଦ୍ମବେଶୀ ପଳାତକ? ନସୀବ୍ ଏଇ ସାମାନ୍ୟ ଭିକ୍ଷା ସୁଦ୍ଧା ଦେଲା ନାହିଁ ସେଦିନ! ଖୋଦାଙ୍କ ବରାଦ୍ ହେଲା ଅନ୍ୟ ପ୍ରକାର!"

ବାହାଦୁର ସାହଙ୍କ କ୍ଳାନ୍ତ ଆଖି ଆଗରେ ଭାସି ଉଠିଲା, ହୁମାୟୁନ୍‌ଙ୍କ ସମାଧି! ସେଠି ଫକୀର ଆଉ ଭିକାରୀମାନଙ୍କର ମେଳା! ତାରି ଭିତରେ ବାହାଦୁର ସାହ ଆଶ୍ରୟ ପାଇଁ ଯୋଗାଡ଼ କରି ପାରିଲେ, ଗୋଟାଏ ଗୁମୁଟୀ! ରଙ୍ଗମହଲର ତୁଳୀତଳ୍ପ ଶେଯ ନାହିଁ, ପରସିଆଲ ମଖମଲୀ ଗାଲିଚା ନାହିଁ । ଶଯ୍ୟା ଖଣ୍ଡେ ଚଟାଇ । ମୁଣ୍ଡ ପାଖରେ ବଦ୍‌ନାଏ ପାଣି । ସାମସୁଲ କେଉଁଠୁ ଯୋଗାଡ଼ କରିଆଣେ, ଶୁଖିଲା ପରଟା, ବାସୀ କବାବ୍! ଜିନତ୍ ବେଗମ୍ ସେଠାରେ ବାହାଦୁର ସାହଙ୍କ ପତ୍ତା କିପରି ପାଇଲା କେଜାଣି? ସେ ବାରମ୍ବାର ଆସି ପ୍ରଲୋଭନ ଦେଖାଇଲା, କୋମ୍ପାନୀ ସରକାର ପାଖରେ ଆତ୍ମସମର୍ପଣ କର, ପେନ୍‌ସନ୍ ପାଇବ, ହୁକୁମତ୍ ଫେରି ପାଇବ! ତାଙ୍କର କିନ୍ତୁ ଲୋଡ଼ାନାହିଁ ପେନ୍‌ସନ୍! ତାଙ୍କର ଲୋଡ଼ାନାହିଁ ହୁକୁମତ୍!

"ମୋତେ ଆଉ ଏ ବାଟରୁ ଫେରାଅ ନାହିଁ ଜିନ୍ନତ! ଆଜି ମୋର ଜବାନୀ ଥିଲେ, ମୁଁ ବି ମିଶିଥାନ୍ତି ସିପାହୀମାନଙ୍କ ମେଳରେ! କିନ୍ତୁ ମୁଁ ବୃଦ୍ଧ, ଅସହାୟ । କୁଦ୍‌ରତ୍ ଯେଉଁ ବାଟରେ ମୋତେ ନେଇଚାଲିଛି, ସେଇ ବାଟରେ ଛାଡ଼ିଦିଅ ମୋତେ!

କିନ୍ତୁ କହି ପାରିଲେ ନାହିଁ ବାହାଦୁର ସାହ! କହିବା ପାଇଁ ଭରସିଲେ ନାହିଁ ବରଂ କାହାକୁ କହିବେ କ' ଣ ବା କହିବେ? ତାଙ୍କର ପ୍ରିୟତମା ବେଗମ୍ ଜିନତ୍ ମହଲ୍‌ଠାରୁ ପତ୍ତା ଯୋଗାଡ଼କରି କୋମ୍ପାନୀର ଜଣେ କାପ୍ତାନ୍ ଦିନେ ଆସିଲା, ହୁମାୟୁନ୍‌ଙ୍କ ସମାଧିକୁ । ଶେଷକୁ ଜିନତ୍ ମହଲ ସୁଦ୍ଧା, ହାତ ମିଳାଇଲା କୋମ୍ପାନୀ ସାଙ୍ଗରେ! କହିବେ କାହାକୁ ବାହାଦୁର ସାହ?

କ୍ୟାପ୍‌ଟେନ୍ ହଡସନ୍ ନିର୍ଭର ପ୍ରତିଶ୍ରୁତି ଦେଲେ ଏ କବରସ୍ଥାନ୍ ଛାଡ଼ି ବାହାଦୁର ସାହ ଆସନ୍ତୁ ଫେରି ଲାଲ୍‌କିଲ୍ଲାକୁ ପୂର୍ବପରି ସେ ପାଇବେ ପେନ୍‌ସନ୍! ବିଦ୍ରୋହୀମାନେ କାବୁକୁ ଆସିଲେଣି! ଯେଉଁମାନେ କୟଦୀ ହୋଇଛନ୍ତି, ସେମାନେ ଅବଶ୍ୟ ପାଇବେ ଶାସ୍ତି!

ସେଦିନର ଦିଲ୍ଲୀର ବିଚ୍ ରାସ୍ତାରେ, ବୃଦ୍ଧ ବାହାଦୁରସାହଙ୍କୁ କୟଦୀ କରିନେବା ପାଇଁ ସାହସ ହେଉ ନ ଥିଲା, କୋମ୍ପାନୀର କ୍ୟାପ୍‌ଟେନ୍ ଆଉ କର୍ଣ୍ଣେଲମାନଙ୍କର! କୁହୁଳା ନିଆଁ ପୁଣି ଯଦି ଜଳିଉଠେ? କ୍ୟାପ୍‌ଟେନ୍ ହଡ୍‌ସନ୍ ବିଶ୍ୱାସଘାତକତା କଲେ! ବାହାଦୁରସାହ, ଫେରି ଆସିଲେ ଅବଶ୍ୟ ଲାଲକିଲ୍ଲାକୁ- କିନ୍ତୁ କୋମ୍ପାନୀର କୟଦୀହୋଇ!

ତା' ପରେ ଜେନେରାଲ୍ ନିକୋଲାସ୍ ପେନିର ଦରବାରରେ ବିଚାରର ଏଇ ଅଭିନୟ! ଜେନେରାଲ ନିକୋଲାସ ପେନି ଠିକ୍ ଜାଣନ୍ତି ଏଇ ୮୪ ବର୍ଷର ବୃଦ୍ଧ ବାହାଦୁରସାହ ଜାଫର ନିର୍ଦ୍ଦୋଷ । ବିଦ୍ରୋହୀ ସିପାହୀମାନେ ତାଙ୍କ ନାଁକୁ କେବଳ ବ୍ୟବହାର କରିଥିଲେ ବିଦ୍ରୋହ ମଣାଇବା ପାଇଁ ଏକ ହତିଆର ରୂପେ! ପ୍ରକୃତରେ ମୀର୍ଜା ମୋଗଲକୁ ହିଁ ସେମାନେ ଇଲାନ କରିଥିଲେ, ସାହାନ୍‌ସାହା ବୋଲି! ତା' ନ ହେଲେ ସେମାନଙ୍କ ହାତରେ ସେତ ଥିଲେ କୟଦୀ!

ଜେନେରାଲ ନିକୋଲାସ୍ ପେନି, ସ୍ଥିର, ନିଷ୍ପଲକ ଆଖିରେ ଚାହିଁଲେ, ବାହାଦୁରସାହାଙ୍କ ଆଡ଼େ! ଜେନେରାଲ୍ ନିକୋଲାସ୍ ପେନି ତ ତାଙ୍କ ଆଡ଼େ ଚାହୁଁନାହିଁ, ତଲ୍‌ୱାର ଯେପରି ଭୁକାଇ ଦେଉଛି ତାଙ୍କ ଛାତିରେ!

ବାହାଦୁରସାହ, ହୋଇପାରନ୍ତି ନିର୍ଦ୍ଦୋଷ! ମୀର୍ଜା ମୋଗଲ ଇତିମଧ୍ୟରେ ଅବଶ୍ୟ କ୍ୟାପଟେନ୍ ହଡ଼ସନର ଗୁଳି ଚୋଟରେ ମରିଛି । ବିଦ୍ରୋହ ମଉଳିଲାଣି । ତଥାପି ଏଇ ବୃଦ୍ଧ ଦିଲ୍ଲୀରେ ବଞ୍ଚିରହିଥିବା ପର୍ଯ୍ୟନ୍ତ, ତାକୁ କେନ୍ଦ୍ରକରି ପୁଣି ଥରେ ବିଦ୍ରୋହର ନିଆଁ ଯେ ଜଳି ନ ଉଠିବ, ତା ' ର କୋଉ ଠିକଣା? ଫାଶିରେ ଚଢ଼ାଇ ଦେଲେ, ସବୁ ଖତମ୍ ହୋଇ ଯାଆନ୍ତା । କିନ୍ତୁ ଏଇ ବୃଦ୍ଧକୁ ଫାଶୀ ଆଦେଶ ଦେବା ପାଇଁ ଜେନେରାଲ୍ ନିକୋଲାସ୍ ପେନି ସାହସ ଖୋଜି ପାଇଲା ନାହିଁ! ଦିଲ୍ଲୀର ସାହନ୍‌ସାହ ରୂପେ ଯେତେ ନୁହେଁ, କବି ବାହାଦୁରସାହ ରୂପେ ସେ ସେତେ ପ୍ରସିଦ୍ଧ । ବାହାଦୁରସାହଙ୍କୁ, ଫାଶିରେ ଚଢ଼ାଇଲେ ହିନ୍ଦୁମାନେ ମଧ୍ୟ ବିଦ୍ରୋହରେ ଯେ ସାମିଲ୍ ହୋଇ ନ ଯିବେ ତା ' ର କୋଉ ସ୍ଥିରତା?

ଜେନେରାଲ୍ ନିକୋଲାସ୍ ପେନି ସେହିପରି ସ୍ଥିର ନିଷ୍ପଲକ ଦୃଷ୍ଟିରେ ବାହାଦୁରସାହଙ୍କ ଆଡ଼େ ଚାହିଁ ଆଦେଶ ଘୋଷଣା କଲା.... "କୟଦୀ ବାହାଦୂରସାହ ଜାଫର! ଗଦ୍ଦାରୀ ଆଉ ନିରୀହ ଗୋରାମାନଙ୍କର ହତ୍ୟା ପାଇଁ ତୁମେ ହିଁ ଦାୟୀ! ତୁମେ ଦିଲ୍ଲୀରୁ ହେବ ବର୍ମାକୁ ନିର୍ବାସିତ! କର୍ଣ୍ଣେଲ୍ କୋମ୍ପାନୀ ହାତରେ ତୁମେ ବର୍ତ୍ତମାନ ବନ୍ଦୀ! ବର୍ମାକୁ ନେବାର ବ୍ୟବସ୍ଥା ସେ କରିବେ!"

ଆଦେଶର ଘୋଷଣା ଶୁଣି, ବୃଦ୍ଧ ବାହାଦୁରସାହ ବିଚଳିତ ହେଲେନାହିଁ । ବର୍ମା ମୁଲକ କେଉଁଠି, କେତେ ଦୂରରେ ତାହା ସେ ସୁଦ୍ଧା ଜାଣନ୍ତିି ନାହିଁ । ତାଙ୍କ ଶୀର୍ଣ୍ଣ ମୁହଁର ଗୋଟିଏ ରେଖାସୁଦ୍ଧା କୁଞ୍ଚିତ ହେଲାନାହିଁ । ଏଇ ବଣିଆ ବେପାରୀ, ବେବୁନିଆଜ୍‌ମାନଙ୍କଠାରେ ପ୍ରାଣଭିକ୍ଷା କରି, ସେ ନିଜକୁ ଜୀବନର ଏଇ ଆଖର ମୁହୂର୍ତ୍ତରେ ଛୋଟ କରି ଦେବେ ନାହିଁ । ତଥାପି ତାଙ୍କର ଅଛି ଗୋଟାଏ ଭିକ୍ଷା । ବାହାଦୁରସାହ କ୍ଷୀଣ ନିଷ୍କମ୍ପ କଣ୍ଠରେ କହିଲେ "...ମୋର କେବଳ ଗୋଟିଏ ଦରଖାସ୍ତ ଅଛି, ସରକାର । ବର୍ମାରେ ମୋର ମୃତ୍ୟୁ ପରେ, ମୁଁ ଯେପରି କବର ପାଏ ଏଇ ଦିଲ୍ଲୀରେ!" ମେହେରଲୀରେ ସେଇ ତାଙ୍କର ପ୍ରିୟ କବର!

ଜେଲ୍ ବାରଣ୍ଡାରେ, ସୁପରିଟେଣ୍ଡେଣ୍ଟ କ୍ୟାପଟେନ୍ ଡେଭିଜର ଭାରୀ ଜୋତା ମଚ୍‌ମାଚ୍ କରୁଛି! ଖଟିଆ ଉପରେ ପଡ଼ି ଉତ୍‌କର୍ଣ୍ଣ ହୋଇ ଉଠିଲେ ବାହାଦୁରସାହ ଜାଫର! ତାଙ୍କର ଗଭୀର ପ୍ରତ୍ୟୟ, କ୍ୟାପ୍‌ଟେନ୍ ଡେଭିଜ୍ ଆଜି ନିଶ୍ଚୟ ଆଣିଥିବେ ସୁସମ୍ବାଦ...କୟଦୀ ବାହାଦୁରସାହଙ୍କ ଦରଖାସ୍ତ ମଞ୍ଜୁର କରିଛନ୍ତି ପଞ୍ଜାବର ଲେଫ୍ଟେନାଣ୍ଟ ଗଭର୍ଣ୍ଣର! ଦରଖାସ୍ତ ତାଙ୍କର ମସ୍‌ନଦ୍ ପାଇଁ ନୁହେଁ, ପେନସନ୍ ପାଇଁ ନୁହେଁ, ଲାଲ୍‌କିଲ୍ଲା ପାଇଁ ବି ନୁହେଁ । ଦରଖାସ୍ତ ତାଙ୍କର ହିନ୍ଦୁସ୍ଥାନରେ କେବଳ ଦୁଇଗଜ ମାଟିରେ କବର ନେବାପାଇଁ । ....ଯୋଉ ମାଟିରେ ତାଙ୍କର ପୂର୍ବପୁରୁଷମାନେ ନେଇଛନ୍ତି କବର! ଜୀବନ୍ତରେ ବାହାଦୁରସାହ ତ ଆଉ ଫେରିବେ ନାହିଁ, ହିନ୍ଦୁସ୍ଥାନକୁ । ଫେରିବ କେବଳ ତାଙ୍କର ମୃତ ଦେହପିଣ୍ଡ । ଏଇଟା ବା ଏମିତି କୋଉ ବଡ଼କଥା? ବାହାଦୁରସାହଙ୍କ କୋଟରଗତ ଆଖିଦୁଇଟା ଆଶାରେ ଉଜ୍ଜ୍ୱଳ ହୋଇଉଠିଲା । ତାଙ୍କର ଶେଷ ଦରଖାସ୍ତ ମଞ୍ଜୁର ହୋଇଛି ଶୁଣିଲେ, ସେ ଶାନ୍ତିରେ ଆଖିବୁଜି ପାରନ୍ତେ ।

କ୍ୟାପ୍‌ଟେନ୍ ଡେଭିଜ୍ ଅନ୍ୟଦିନମାନଙ୍କ ପରି ନୀରବରେ ବାହାଦୁରସାହଙ୍କ ନାଡୀ ପରୀକ୍ଷା କଲେ । ନାଡ଼ୀର ଗତି କ୍ରମେ ନିସ୍ତେଜ ହୋଇଆସୁଛି । ମେଜ ଉପରେ ଔଷଧ ଶିଶିଗୁଡ଼ାକ ସେଇପରି ପଡ଼ିଛି । ଟୋପାଏ ଔଷଧ ବି ଛୁଇଁ ନାହାନ୍ତି ।

ବାହାଦୁରସାହ? ବିରକ୍ତ କଣ୍ଠରେ ସାମସୁଲ୍‌କୁ ଲକ୍ଷ୍ୟକରି ଡେଭିଜ କହିଲେ,... "ତମକୁ କହିଥିଲି ପରା ଏ ଔଷଧ ସବୁ ନିୟମିତ ଭାବରେ ଦେବାପାଇଁ । ଇଏ ହେଉଛି କୟଦୀଖାନାର ନିୟମ ।"

ସାମସୁଲ୍ ଅପରାଧୀ ପରି ତଳକୁ ମୁଣ୍ଡ ନୁଆଁଇ ନୀରବରେ ଠିଆ ହୋଇ ରହିଲା । ସେତ ଆଉ ବାଧ୍ୟକରି ବାହାଦୁର ସାହଙ୍କୁ ଔଷଧ ପିଆଇ ପାରିବ ନାହିଁ ।

କ୍ୟାପ୍‌ଟେନ୍ ଡେଭିଜ୍ ଚାଲିଯାଉଥିଲେ, ବାହାଦୁର ସାହ କ୍ଷୀଣ କଣ୍ଠରେ ଡାକିଲେ... "ସାହେବ... ମୋତେ କହିବେ କିଛି? ମୋ ଅର୍ଜିର ହୁକୁମ ଆସିଲା?"

ବାହାଦୁର ସାହଙ୍କ ଆଶାନ୍ୱିତ ଆଖିଆଡ଼େ ଚାହିଁ, ଡେଭିଜ୍ ବିସ୍ମିତ ହୋଇ ଉଠିଲେ । ଦରଖାସ୍ତ ମୁକ୍ତିପାଇଁ ନୁହେଁ, ପ୍ରାଣଭିକ୍ଷା ପାଇଁ ନୁହେଁ, ହୁକୁମତ୍ ପାଇଁ ନୁହେଁ, ଲାଲ୍‌କିଲ୍ଲା ପାଇଁ ମଧ୍ୟ ନୁହେଁ, ଦରଖାସ୍ତ ହିନ୍ଦୁସ୍ତାନ ମାଟିରେ କବର ନେବାପାଇଁ! କ୍ୟାପ୍‌ଟେନ୍ ଡେଭିଜ୍ ମିଲିଟାରୀ ବୁଦ୍ଧିରେ ବୁଝିପାରିଲେ ନାହିଁ, ଏପରି ବିଚିତ୍ର ଆବଦାର ପଛରେ ଗୋଟିଏ ସ୍ୱର୍ଶାତୁର ପ୍ରାଣ ଆବେଗ!

ପ୍ରକୃତରେ ଏ ପର୍ଯ୍ୟନ୍ତ ପଞ୍ଜାବର ଲେଫ୍ଟେନାଣ୍ଟ ଗଭର୍ଣ୍ଣରଙ୍କ ପାଖରୁ ଆସିନାହିଁ, ବାହାଦୁର ସାହଙ୍କ ଅର୍ଜିର ଆଦେଶ! କ୍ୟାପ୍‌ଟେନ୍ ଡେଭିଜ୍ ଆଶ୍ୱାସନା ଦେବାପରି କଣ୍ଠରେ କହିଲେ... "ଆପଣ ବିଶ୍ରାମ ନିଅନ୍ତୁ ବାହାଦୁରସାହ । ଯେ କୌଣସି ଦିନ ଲେଫ୍ଟେନାଣ୍ଟ ଗଭର୍ଣ୍ଣରଙ୍କ ଅର୍ଡର ଆସି ପହଞ୍ଚି ଯିବ ।"

କ୍ୟାପ୍‌ଟେନ୍ ଡେଭିଜ୍ ଚାଲିଗଲେ ।

କବିତାର ଗୋଟାଏ ପଦ ଚେଇଁ ଉଠିଲା ବାହାଦୁରସାହଙ୍କ ଚେତନାରେ । ମେଜ ଉପରୁ ପର୍ଚ୍ଚା ଖଣ୍ଡେ ଟାଣିଆଣି କମ୍ପିତ ହାତରେ ସେ ଲେଖି-ଗଲେ ସେର୍.....

"ଉମ୍ରେ ଦରଜ୍ ମାଙ୍ଗକେ ଲାଏ ଦୋ ଚାର୍ ଦିନ୍ ଦୋ ଅରଜୁ ମେ କଟ୍ ଗୟେ ଦୋ ଇନ୍ତଜାର୍ ମେ ।"

(ଏଇ ଦୀର୍ଘ ଜୀବନରେ ପାଇଥିଲି ମାତ୍ର ଚାରିଦିନ । ସେଥିରେ ଦୁଇଦିନ କଟିଲା ଆଶାରେ, ଅବଶିଷ୍ଟ ଦୁଇଦିନ ପ୍ରତୀକ୍ଷାରେ)

ନାଁ ଏ ପ୍ରତୀକ୍ଷାର ଆଉ ଶେଷ ନାହିଁ ।

ମେହେରଲୀରେ ସେଇ କବର, ତାଙ୍କର ଶବପିଣ୍ଡ ପାଇଁ ମଧ୍ୟ ଅନନ୍ତ କାଳ ଧରି ପ୍ରତୀକ୍ଷା କରି ରହିଥିବ! ଦିନେ ହୁଏତ ପୋତି ହୋଇ ପଡ଼ିବ ମାଟିରେ! କୋମ୍ପାନୀ ସରକାର ବାହାଦୁରସାହଙ୍କ ସାମାନ୍ୟତମ ସ୍ମୃତି ଚିହ୍ନ ସୁଦ୍ଧା ରଖିବା ପାଇଁ ଚାହେଁନାହିଁ, ହିନ୍ଦୁସ୍ତାନ ମାଟିରେ!

ଉନ୍ମାଦ ପରି ବାହାଦୁରସାହ ଖଟିଆ ଉପରେ ବସିପଡ଼ିଲେ । ତା' ପରେ ସେଇ ପର୍ଚ୍ଚା ଉପରେ ଲେଖିଲେ ଆଉ ଗୋଟିଏ ଶେର.....

"କିତନି ହୈ ବଦନସୀବ୍ ଜାଫର ଦଫନ କେ ଲିୟେ ଦୋ ଗଜ ଜମିନ୍‌ଭି ନା ମିଲି କୁଇୟାରମେ!"

(ହେ ଜାଫର କେଡ଼େ ହତଭାଗ୍ୟ ତମେ.... କବର ନେବାପାଇଁ ପ୍ରିୟାର ଗଳିରେ ତୁମ ପାଇଁ ଦୁଇ ଗଜ ଜମି ସୁଦ୍ଧା ମିଳିଲା ନାହିଁ)

ଶେଷ ହେଇଛି ସମ୍ରାଟ୍ ବାହାଦୁରସାହ ଜାଫରଙ୍କ ଶେଷ କବିତା!

ହିନ୍ଦୁସ୍ତାନର ମାଟି ତାଙ୍କ ପାଇଁ ପ୍ରିୟାର ଦେଶ! ମୋଗଲ ସାମ୍ରାଜ୍ୟର ଶେଷ ସାହନ୍‌ସାହ ବାହାଦୁରସାହ ଜାଫରଙ୍କୁ କବର ନେବାପାଇଁ, ଦୁଇଗଜ ଜମି ସୁଦ୍ଧା ମିଳି ପାରିଲା ନାହିଁ ସେଠି!

ବାହାଦୁରସାହଙ୍କ ମୃତଦେହ, ଜେଲ୍ ଖଟିଆ ଉପରେ ଲୋଟି ପଡ଼ିଲା । ସେ କାରାମୁକ୍ତ!